# ଅର୍ଥନୈତିକ ଅବରୋଧ କରିବ ଚାଷୀ ସୁରକ୍ଷା କମିଟି

## ଚକବନ୍ଦୀ ଉଚ୍ଛେଦ ନେଇ ନିଆଯାଉନି ପଦକ୍ଷେପ

ଅନୁଗୋଳ,୮।୫(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ୯୨ଖଣ୍ଡ ଗ୍ରାମର ଚକବନ୍ଦୀ ଉଚ୍ଛେଦ ଦାବିରେ ଦୀର୍ଘ ୩ବର୍ଷ ଧରି ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଅନୁଗୋଳ ଜିଲା ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ବୁଧବାର ଚାଷୀ ସୁରକ୍ଷା କମିଟି ସଭାପତି ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯିବା ସହ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ଚକବନ୍ଦୀ ଉଚ୍ଛେଦ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଗଣଆନ୍ଦୋଳନ କରାଯାଇ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଆସୁଛି। ୨୭ ନଭେମ୍ବର ୨୦୨୧ ଓ ୧୭ ଜାନୁଆରୀ ୨୦୨୩ରେ ଜିଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୧୫ ନଭେମ୍ବର ୨୦୨୩ ଠାରୁ ଦୀର୍ଘ ୬୬ ଦିନ ଧରି ୯୨ଖଣ୍ଡ ଗ୍ରାମର ଚାଷୀମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରାଜ୍ୟ ରାଜସ୍ୱ ବିଭାଗ ପ୍ରମୁଖ ସଚିବଙ୍କ ସହିତ ଚାଷୀ ସୁରକ୍ଷା କମିଟିର କର୍ମକର୍ତ୍ତାଙ୍କ ଆଲୋଚନା ପରେ ଗଣଧାରଣା ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା। କିନ୍ତୁ ୪ମାସ ବିତି ଯାଇଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆନ୍ଦୋଳନକୁ ତୀବ୍ରତର କରାଯାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନୁଗୋଳ ଜିଲାରେ ଅର୍ଥନୈତିକ ଅବରୋଧ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଚାଷୀ ସୁରକ୍ଷା କମିଟି ଉପଦେଷ୍ଟା ଅଚ୍ୟୁତାନନ୍ଦ ମିଶ୍ର, ସମ୍ପାଦକ ହେମନ୍ତ କୁମାର ଦାସ, ଉପସଭାପତି ଅନନ୍ତ ଚରଣ ସାହୁ, ଦୁର୍ଯ୍ୟୋଧନ କର, ସାର୍ଥକ ଦେହୁରୀ, କାଳୀଚରଣ ପ୍ରଧାନ, ତ୍ରୈଲୋକ୍ୟ ସାହୁ, ରବୀନ୍ଦ୍ର କୁମାର ଧର, ମଳୟ ଦେହୁରୀ, ଅନିରୁଦ୍ଧ ଦେହୁରୀ, ଚନ୍ଦ୍ରଶେଖର ପାଣିଗ୍ରାହୀ, କେଶବ ପ୍ରଧାନ, ସତ୍ୟାନନ୍ଦ ସାହୁ, ରବୀନ୍ଦ୍ର ସାହୁ, ବସନ୍ତ ଗଡ଼ନାୟକ, ବିନୋଦ ବିଶ୍ୱାଳ, ହର୍ଷବର୍ଦ୍ଧନ ସାହୁ, ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଚାଷୀ ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

# ବ୍ରାହ୍ମଣ ମହାସଂଘ ପ୍ରଥମ କାର୍ଯ୍ୟକାରୀ ବୈଠକ

ଅନୁଗୋଳ, ୮।୫ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବ୍ରାହ୍ମଣ ମହାସଂଘର ପ୍ରଥମ କାର୍ଯ୍ୟକାରୀ ବୈଠକ ଅନୁଗୋଳ ମଦନମୋହନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସ୍ଥାୟୀ ସଭାପତି ବ୍ୟୋମକେଶ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲାର ସମସ୍ତ ବ୍ରାହ୍ମଣଙ୍କୁ ଏକତ୍ରିତ କରି ସେମାନଙ୍କ ସର୍ବାଙ୍ଗିନ ଉନ୍ନତି ନିମନ୍ତେ ଆଲୋଚନା କରାଯାଇଥିଲା। ମହାସଂଘ ତରଫରୁ କୁମୁରସିଂହା ଠାରେ ଏକ ବୃଦ୍ଧାଶ୍ରମ ପାଇଁ ଅଜୟ କୁମାର ତ୍ରିପାଠୀ ୨ ଗୁଣ୍ଠ ଜାଗା ଦାନ କରିବା ନିମନ୍ତେ ଘୋଷଣା କରିଥିଲେ। ବୃଦ୍ଧାଶ୍ରମର ତଦାରଖ ନିମନ୍ତେ ପାଞ୍ଚଜଣିଆ କମିଟି ଗଠନ କରାଯାଇ ବିଭୂତି ଭୂଷଣ ମହାପାତ୍ର, ଚିତ୍ତରଞ୍ଜନ ମହାପାତ୍ର, ସନ୍ତୋଷ କୁମାର ମିଶ୍ର, ରାମାନନ୍ଦ ପଣ୍ଡା ଓ ସୋମପ୍ରସାଦ ଦାଶଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପାଶ କରିଥିବା ଗରିବ ମେଧାବୀ ଛାତ୍ରଙ୍କୁ ଛାତ୍ରବୃତ୍ତି ମାସକୁ ୧,୦୦୦ ଟଙ୍କା ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି ଛାତ୍ରବୃତ୍ତି ପାଇଁ ବ୍ୟୋମକେଶ ଶତପଥୀ, ମନୋଜ କୁମାର ମହାପାତ୍ର, ସନ୍ତୋଷ କୁମାର ମିଶ୍ର, ସୋମ ପ୍ରସାଦ ଦାଶ ଓ ସସ୍ମିତା ଦାସ ଅର୍ଥ ଯୋଗାଇଦେବା ପାଇଁ ଘୋଷଣା କରିଥିଲେ। ଉକ୍ତ ସଭାରେ ସୂର୍ଯ୍ୟନାରାୟଣ ମିଶ୍ର, ସରୋଜ କୁମାର ପାଣିଗ୍ରାହୀ, ସୁଜିତ୍ କୁମାର ନନ୍ଦ, ପବିତ୍ର ମୋହନ ଶତପଥୀ, ନାରାୟଣ ଚନ୍ଦ୍ର ପଣ୍ଡା ଓ ଜନାର୍ଦ୍ଦନ ମିଶ୍ର ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ପାଦକ ଆରଭନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଥମ କାର୍ଯ୍ୟକାରୀ ବୈଠକରେ ଉପସ୍ଥିତ ବ୍ରାହ୍ମଣ ମହାସଂଘ କର୍ମକର୍ତ୍ତାମାନେ।

# ହୃଦ୍‌ଘାତରେ ମହିଳାଙ୍କ ପରଲୋକ



ଅନୁଗୋଳ, ୮।୫ (ଅମିତ କୁମାର ସାମଲ)

ବନ୍ତଳା ଥାନା ହମାମିରା ଗାଁର ଗୋପବନ୍ଧୁ ସାହୁଙ୍କ ସ୍ତ୍ରୀ ରୂପକାନ୍ତି ସାହୁ (୬୪)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରାତିରେ ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ତିନି ପୁଅ ଗୌରଚନ୍ଦ୍ର ସାହୁ, ପତିତପାବନ ସାହୁ, ଯଶୋବନ୍ତ ନାରାୟଣ ସାହୁ, ପୁତ୍ରବଧୂ, ନାତୁଣୀନାତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଗୌରଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ସାହୁ ଜଣେ ମେଳାପୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉଠିଲା ନିଲମ୍ବନ, ହେଲେ ଉପସଭାପତି

ଅନୁଗୋଳ,୮।୫ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଡକେରା ପଞ୍ଚାୟତ ଯୋକୁବ ଗ୍ରାମର ଧରଣୀଧର ସାହୁଙ୍କ ଉପରୁ ବିଜେଡି ବୁଧବାର ନିଲମ୍ବନ ପ୍ରତ୍ୟାହାର କରିଛି। ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାଶଙ୍କ ଅନୁମୋଦନ କ୍ରମେ ଧରଣୀଧରଙ୍କ ନିଲମ୍ବନ ପ୍ରତ୍ୟାହାର ହୋଇଥିବା ବିଜୁ ଜନତା ଦଳର ଜିଲା ସଭାପତି ମହେନ୍ଦ୍ର କୁମାର ବହିଆ ସୂଚନା ଦେଇଛନ୍ତି। ଏଥିସହ ତାଙ୍କୁ ଜିଲାର ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ବହିଆ କହିଛନ୍ତି।

# ନିର୍ବାଚନ ରଣନୀତି ଉପରେ ଆଲୋଚନା


ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି ପ୍ରାର୍ଥୀ ଓ ନେତୃବୃନ୍ଦ।

ଅନୁଗୋଳ,୮।୫(ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବଣ୍ଠପାଳ ବ୍ଲକ ଗଡ଼ସନ୍ତ୍ରୀ, ବଉଳିଗଡ଼ ଓ ତୁଳସୀପାଳ ପଞ୍ଚାୟତରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଢେଙ୍କାନାଳ ଲୋକ ସଭା କ୍ଷେତ୍ର ବିଜେଡି ପ୍ରାର୍ଥୀ ଡା. ଅବିନାଶ ସାମଲ, ଅନୁଗୋଳ ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବଣ୍ଠପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ବିପ୍ଳବ ଜେନା, ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଅନୁଗୋଳ ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଅରୁପ ଶ୍ରୀଚନ୍ଦନ, ଅନୁଗୋଳ ଜିଲା ବିଜୁ ଜନତା ଦଳ ଉପସଭାପତି ବାଉରୀବନ୍ଧୁ ସାହୁ, ଜିଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ, ଉକ୍ତ ୩ ପଞ୍ଚାୟତର ବିଜେଡି ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଏବଂ ନିର୍ବାଚନ ରଣନୀତି ଉପରେ ଆଲୋଚନା କରିଥିଲେ।

# ଦିନରେ ଗାଁ, ରାତିରେ ସହରୀ ଲୋକଙ୍କୁ ଭେଟୁଛନ୍ତି ପ୍ରାର୍ଥୀ

ଅନୁଗୋଳ,୮।୫ (ଅମିତ କୁମାର ସାମଲ)

## ରାଜନୀତି ପ୍ରଚାରରେ ବାଧକ ସାଜୁଛି ମୁଣ୍ଡଫଟା ଖରା

ଆସନ୍ତା ୨୫ ତାରିଖରେ ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ ବୈତରଣୀ ପାର୍ ହେବାକୁ ସବୁ ଦଳର ପ୍ରାର୍ଥୀମାନେ କସରତ ଚଳାଇଛନ୍ତି। ଏପରିକି ଦିନ ରାତି ଏକ କରି ସେମାନେ ପ୍ରଚାର ସହ ଭୋଟରଙ୍କୁ ଭେଟୁଛନ୍ତି। ତେବେ ମୁଣ୍ଡଫଟା ଖରା ଏଥିରେ କିଛିଟା ପ୍ରତିବନ୍ଧକ ସାଜୁଥିବାରୁ ପ୍ରାର୍ଥୀମାନେ ଦିନରେ ଗାଁରେ କର୍ମୀଙ୍କୁ ଧରି ପ୍ରଚାର କରୁଥିବାବେଳେ ରାତି ହେଲେ ସହରୀ ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି।ଅନୁଗୋଳ ଜିଲାରେ କିଛିଦିନ ହେଲା ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଯଦିଓ ୨ ଦିନ ହେଲା ତାତି ସାମାନ୍ୟ କମିଛି ହେଲେ ଅସହ୍ୟ ଗୁଳୁଗୁଳି ପ୍ରାର୍ଥୀମାନଙ୍କୁ ଅଡୁଆରେ ପକାଉଛି। ଏହାଛଡ଼ା ଗାଁଗୁଡ଼ିକରେ ଅନେକ ସମସ୍ୟା ରହିଛି। କେଉଁଆଡ଼େ ବିଜୁଳି ନାହିଁ ତ ଆଉ କେଉଁଆଡ଼େ ରାସ୍ତା ସମସ୍ୟା। ତେଣୁ ଗାଁରେ ରାତିରେ ପ୍ରଚାର କରିବା ପ୍ରାର୍ଥୀମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ତେଣୁ ସୂର୍ଯ୍ୟ ନଇଁବା ପୂର୍ବରୁ ପ୍ରାର୍ଥୀମାନେ ଗାଁ ଛାଡୁଥିବା ବେଳେ ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ ସହର ଓ ଏହାର ଉପକଣ୍ଠରେ ବୁଲି ଭୋଟରଙ୍କୁ ଭେଟୁଛନ୍ତି। ଏ ସମ୍ପର୍କରେ କେତେଜଣ ପ୍ରାର୍ଥୀ କହିଛନ୍ତି, ସହରୀ ଲୋକମାନେ ଦିନ ସମୟରେ ବ୍ୟସ୍ତ ରହୁଛନ୍ତି, ତେଣୁ ସେମାନଙ୍କୁ ଭେଟିବାର ଠିକ୍ ସମୟ ହେଉଛି ରାତି।

# ରାସ୍ତାରେ ଗରା ବାଲଟି ଧରି ଆନ୍ଦୋଳନ



ଅନୁଗୋଳ,୮।୫(ଅମିତ୍ ସାମଲ)

ଅନୁଗୋଳ ଜିଲା ବଣ୍ଠପାଳ ବ୍ଲକ କାଣ୍ଡସର ପଞ୍ଚାୟତର ୮ ନମ୍ବର ୱାର୍ଡ ତଥା ମହୁଲବୁରି ସାହିର ବାସିନ୍ଦା ବୁଧବାର ଅପରାହ୍ନରେ ପାନୀୟ ଜଳ ଦାବିରେ ଗରା ବାଲଟି ଧରି ରାସ୍ତା ଉପରେ ବସିଛନ୍ତି।

ସାହିବାସିନ୍ଦା କହିଛନ୍ତି, କାଣ୍ଡସର ପଞ୍ଚାୟତ ୮ ନଂ.ୱାର୍ଡ ତଥା ମହୁଲବୁରି ସାହିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଖରାଦିନ ହେଇଥିବାରୁ ପାଣିର ସମସ୍ୟା ଦେଖାଦେଇଛି। କାରଣ ପାଣି ଆସିବା ପାଇଁ ପାଖାପାଖି ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ପାଇପ ପଡିଛି, କିନ୍ତୁ ପାଣିର ଦେଖାନାହିଁ। ପାଣି ଟୋପାଏ ପାଇଁ ପୋଖରି, କୂଅ ଏବଂ ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି। ସେହିପରି ନଳକୂପରୁ ପାଣି କମ୍ ବାହାରୁଥିବା ବେଳେ ଅଧିକ ପାଣି ବ୍ୟବହାର କଲେ ଲୁହାଗୁଣ୍ଡ ମିଶା ପାଣି ବାହାରୁଛି। ପାଣି ସମସ୍ୟା ଯଥାଶୀଘ୍ର ସମାଧାନ କରା ନ ଗଲେ ଭୋଟ ଦେବୁ ନାହିଁ ବୋଲି ମହୁଲବୁରି ସାହି ବାସିନ୍ଦା ଚେତାବନୀ ଦେଇଛନ୍ତି।

# ଅଜଣା ମୃତଦେହ ଜବତ

ଅନୁଗୋଳ, ୮।୫ (ଅମିତ କୁମାର ସାମଲ)

ଅନୁଗୋଳ ଟାଉନ ଥାନା ଅମଲାପଡ଼ା ଅଞ୍ଚଳରୁ ପୋଲିସ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ପୋଲିସ କହିଛି, ଅମଲାପଡ଼ା କେନାଲ ପାଖ ଏଟିଏମ ବାହାରେ ଜଣେ ଅଜଣା ବ୍ୟକ୍ତି ଶୋଇଥିବା ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ନ ଉଠିବାରୁ ସ୍ଥାନୀୟ ଲୋକମାନଙ୍କ ସନ୍ଦେହ ହୋଇଥିଲା। ସେମାନେ ଟାଉନ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

# ରେଡ୍‌କ୍ରସ ସୃଷ୍ଟିର ଉଦ୍ଦେଶ୍ୟ ଉପରେ ଆଲୋକପାତ



ତାଳଚେର, ୮।୫ (ମନୋଜ ନନ୍ଦ)

ତାଳଚେର ବ୍ଲକ ସମ୍ମିଳନୀ କକ୍ଷରେ ତାଳଚେର ଉପଖଣ୍ଡ ରେଡକ୍ରସ ସୋସାଇଟି ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ ବିଡିଓ ଚିନ୍ମୟୀ ଚେତନା ଦାସ ଓ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର ଯୋଗ ଦେଇଥିଲେ। ପ୍ରାରମ୍ଭରେ ରେଡକ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟଙ୍କ ପ୍ରତିଛବିରେ ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିଥିଲେ। ରେଡକ୍ରସ ସୃଷ୍ଟିର ଉଦ୍ଦେଶ୍ୟ ବିଷୟରେ ରେଡକ୍ରସ ଜିଲା ପ୍ରତିନିଧି ବଳରାମ ପତି ଆଲୋକପାତ କରିଥିଲେ। ସେହିଭଳି ରେଡକ୍ରସ ଦ୍ୱାରା ବିଭିନ୍ନ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟ ତାଳଚେର ଉପଖଣ୍ଡରେ ଜାରି ରହିଛି ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତ୍ ଯୋଗ ଦେଇଥିଲେ।

# ବିଜେଡି ପ୍ରାର୍ଥୀ ନଳିନୀଙ୍କ ସାହି ବସ୍ତିରେ ପଦଯାତ୍ରା

ଆଠମଲ୍ଲିକ,୮।୫(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ପ୍ରଚାରକୁ ଜୋର୍‌ଦାର କରିବା ସହିତ ଆଠମଲ୍ଲିକ ଏନ୍‌ଏସିର ବିଭିନ୍ନ ୱାର୍ଡରେ ପଦଯାତ୍ରା କରିଛନ୍ତି। ଏଥିସହିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅଭାବ ଅସୁବିଧା ବୁଝୁଥିବା ଦେଖାଯାଉଛି। ୨ ଦିନ ଧରି ପଦଯାତ୍ରାରେ ବାହାରିଥିବା ବିଧାୟକ ପ୍ରାର୍ଥୀ ପ୍ରଧାନ ୨, ୩, ୪, ୫ ଓ ୧୧ ନମ୍ବର ୱାର୍ଡରେ ସମର୍ଥକମାନଙ୍କ ସହିତ ପଦଯାତ୍ରାରେ ଯାଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହିତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦାସ, ଆଇନଜୀବୀ ଦୀନେଶ କୁମାର ସିଂହ, ବିଜୟ ମହାକୁଡ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ରାହାସ ସାହୁ, କବିନ୍ଦ୍ର ଦାସ, ନଗର ବିଜେଡି ସଭାପତି ପ୍ରଦୀପ କୁମାର ଦାସ, ଅଶୋକ ବେହେରା, ଯୁବ ନେତା ଅବିନାଶ ଷଡ଼ଙ୍ଗୀ, ଯୁବିନ ଷଡ଼ଙ୍ଗୀ, ଆଶିଷ ନାଏକ, କୁନା ବାଘଙ୍କ ସମେତ ବହୁ ଦଳୀୟ ସମର୍ଥକ ପଦଯାତ୍ରାରେ ସାମିଲ ହୋଇଥିଲେ।



# ସରକାରୀ କର୍ମଚାରୀ ବିଜେଡି ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗ

## ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ଦେଲା ଭାଜପା

ତାଳଚେର,୮।୫ (ମନୋଜ ନନ୍ଦ)

ତାଳଚେର ନିର୍ବାଚନମଣ୍ଡଳୀରେ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଏପରି କି ତାଳଚେର ବ୍ଲକର କେତେଜଣ ଅଧିକାରୀ, କର୍ମଚାରୀ ବିଜେଡି ପାଇଁ କାର୍ଯ୍ୟ କରିବା ସହ ଆଶା, ଅଙ୍ଗନୱାଡ଼ି ତଥା ସମସ୍ତ ବ୍ଲକ ଓ ପଞ୍ଚାୟତର କର୍ମଚାରୀଙ୍କୁ ବିଜେଡି ପାଇଁ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଉଥିବା ଭାଜପା ତଥ୍ୟ ସହ ତାଳଚେର ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି। ବ୍ଲକର ସମ୍ପୃକ୍ତ ଅଧିକାରୀ ତାଳଚେର ବ୍ଲକରେ ଦୀର୍ଘ ୬ ବର୍ଷରୁ ଅଧିକ ରହିଛନ୍ତି ଏବଂ ସେମାନଙ୍କ ଘର ତାଳଚେର ବିଧାନସଭା ଏବଂ ଢେଙ୍କାନାଳ ଲୋକ ସଭା କ୍ଷେତ୍ରରେ। ସେମାନଙ୍କ ଗତିବିଧି ଏବଂ କଲ୍ ରେକର୍ଡ ଯାଞ୍ଚ କଲେ ସମସ୍ତ ତଥ୍ୟ ଜଣା ପଡିବ ବୋଲି ଭାଜପା ଦାବି କରିଛି। ସେହିପରି ବିଜେଡିର ଜଣେ ନେତା ଟେନ୍ତୁଲେଇ ପଞ୍ଚାୟତ ଅଫିସରେ ଏମ୍‌ବିକେ, ସିଆରପିମାନଙ୍କୁ ନେଇ ବିଜେଡି ପାଇଁ ବୈଠକ କରୁଥିବାର ଭିଡିଓ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଛି। ନିର୍ବାଚନ ଆଚରଣ ବିଧି ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭାଜପା ଲିଗାଲ ସେଲ୍ ବରିଷ୍ଠ ଆଇନଜୀବୀ ଉଚ୍ଛନ୍ନ ପଟ୍ଟନାୟକ, ଦୟାସଗାର ମିଶ୍ର, ସୋମନାଥ ରାଉତ, ଅର୍ଜୁନ ଭୁତିଆ, ନରେଶ ଚନ୍ଦ୍ର ଦାସ, ଜଗ ସାହୁ, ଅଖିଳ ସାମଲ, ପ୍ରଭାତିନୀ ଆଚାର୍ଯ୍ୟ, ପର୍ଶୁରାମ ବାରିକ ପ୍ରମୁଖ ଦାବି କରିଛନ୍ତି। ନିର୍ବାଚନ ଅଧିକାରୀଙ୍କ ଅନୁପସ୍ଥିତିରେ ତାଳଚେର ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ରୋଜାଲୀନ ବେହେରାଙ୍କୁ ଏହି ପ୍ରତିନିଧି ମଣ୍ଡଳୀ ଭେଟି ଲିଖିତ ଭାବେ ଦାବି ଜଣାଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ରାଜ୍ୟ ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ର ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଭାଜପା ଅନୁଗୋଳ ଜୋନାଲ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରକାଶ କରିଛନ୍ତି।


ତାଳଚେର ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାରଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

# ନିରପେକ୍ଷ ପରିଚାଳନା ଉପରେ ଗୁରୁତ୍ୱାରୋପ



ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ସମୀକ୍ଷା

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଅନୁ ଚୌଧୁରୀ ଓ ପହମ୍‌ସିଂହ ଆଲମା ମିଳିତ ଭାବେ ବୈଠକରେ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥ୍‌ଗୁଡିକର ସ୍ଥାନ ଓ ସ୍ଥିତି, ଇଭିଏମ୍ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ ଓ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି-ଭିଜିଲ ରିପୋର୍ଟ, ଏନ୍‌ସି ରିପୋର୍ଟ, ପୋଷ୍ଟାଲ ବାଲାଟ, ହୋମ୍ ଭୋଟିଂ, ସମ୍ବେଦନଶୀଳ ବୁଥ୍, ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ, ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ଏସ୍‌ଏସ୍‌ଟି, ପୋଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ ଏବଂ ଟଙ୍କା ଜବତ ଉପରେ ସମୀକ୍ଷା କରାଯାଇଥିଲା। ଚଳିତମାସ ୨୫ ତାରିଖରେ ଜିଲାରେ ହେବାକୁ ଥିବା ଏକକାଳୀନ ଲୋକ ସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ସାଧାରଣ ପର୍ଯ୍ୟବେକ୍ଷକ ଆଶାବ୍ୟକ୍ତ କରିଥିଲେ। ଜିଲାପାଳ ଅମ୍ରିତ ଋତୁରାଜ ସମୀକ୍ଷା ବୈଠକରେ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ପୋଲିସ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମେତ ଏସ୍‌ପି ମଡକର ସନ୍ଦୀପ ସମ୍ପଦ୍, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଏବଂ ବିଧାନସଭା ନିର୍ବାଚନୀ କ୍ଷେତ୍ରର ଆର୍‌ଓ, ଏଆର୍‌ଓ, ନୋଡାଲ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସେବା ମନୋବୃତ୍ତି ନେଇ କାମ କରିବାକୁ ଆହ୍ୱାନ

ଓଡ଼ାପଡ଼ା,୮।୫(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲାର ହିନ୍ଦୋଳ ରୋଡ ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ରେଡକ୍ରସ ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏଡ୍‌ସ ସଚେତନତା ସୃଷ୍ଟି କରିବା ପାଇଁ ଏକ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାପରେ ଯୁବରେଡ କ୍ରସ ଅଧିକାରୀ ପ୍ରଣବ କୁମାର ହୋତାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ. ଦେବାନନ୍ଦ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସେବା ମନୋବୃତ୍ତି ନେଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ମନୋଜ କୁମାର ରାଉତ, ଡ. ବଳରାମ ପୃଷ୍ଟି, ଅଧ୍ୟାପିକା ନୟନା ବରାଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ରେଡକ୍ରସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡ୍‌ସ ବିଭାଗର ମୁଖ୍ୟ ପରାମର୍ଶଦାତା ଡକ୍ଟର ନାରାୟଣ ସେଠୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏଡ୍‌ସ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥଲେ। ସଭା ଶେଷରେ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସ୍ମୃତିରଞ୍ଜନ ରାଉତ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଖାନସୀ ବିଶ୍ୱାଳ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ସତ୍ୟମ ପୃଷ୍ଟିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଦୀପକ ରଞ୍ଜନ ପଟ୍ଟନାୟକ, ସରୋଜ ଧଳ, ପ୍ରସନ୍ନ ସାହୁ ଓ ଅନ୍ୟମାନେ ସହଯୋଗ କରିଥଲେ। ଶେଷରେ ଅଧ୍ୟାପକ ଡ. ବଳରାମ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ୍ୟ ମଣ୍ଡିତ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ।

# ସୁକାନ୍ତ ଉପସଭାପତି, ବିନୋଦ ଟାଉନ ସଭାପତି

## ବିଜେଡିର ନୂତନ କର୍ମକର୍ତ୍ତା



ସୁକାନ୍ତ କୁମାର ମିଶ୍ର



ବିନୋଦ ମହାନ୍ତି

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ବିଜୁ ଜନତା ଦଳର ୩ଜଣ ବରିଷ୍ଠ ନେତାଙ୍କୁ ବୁଧବାର ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଭିନ୍ନ ପଦବୀରେ ଅବସ୍ଥାପିତ କରି ଦାୟିତ୍ୱ ପ୍ରଦାନ କରିଛନ୍ତି। ଜିଲା ବିଜେଡି ଉପସଭାପତି ଭାବେ ବରିଷ୍ଠ ନେତା ସୁକାନ୍ତ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭାବେ ମିହିର ପ୍ରସାଦ ରାଉତ ଓ ଢେଙ୍କାନାଳ ପୌରାଞ୍ଚଳ ସଭାପତି ଭାବେ ବିନୋଦ କୁମାର ମହାନ୍ତିଙ୍କୁ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ସୁକାନ୍ତ, ମିହିର ଓ ବିନୋଦ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ସଭାପତି ତଥା ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମା' ସୁନ୍ଦରିଶୁଣୀଙ୍କ ଯଜ୍ଞ ଉପଲକ୍ଷେ କଳସ ଯାତ୍ରା



ମା' ସୁନ୍ଦରୀଶୁଣୀଙ୍କ ଯଜ୍ଞ ଉପଲକ୍ଷେ କଳସ ଯାତ୍ରା।

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ କଲେଜ ବାଇପାସ୍ ସ୍ଥିତ ମାଁ ସୁନ୍ଦରିଶୁଣୀ ଦେବୀଙ୍କ ମହାଚଣ୍ଡି ଯଜ୍ଞ ଉପଲକ୍ଷେ ସ୍ଥାନୀୟ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରାଯାଇ ବୁଧବାର ଏକ କଳସ ଯାତ୍ରା କରାଯାଇଥିଲା। ପରେ ଅଧିବାସ ପୂଜା କରାଯାଇଥିଲା। ଏହି ପୂଜାର୍ଚ୍ଚନା କରାଯିବା ସହ ଆସନ୍ତା ୧୦ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି କରାଯିବ। ପୂଜକ ରାଜକିଶୋର ମିଶ୍ର ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ରାଜେଶ ଦାସ ଓ ବିଥିକା ଦାସ, ସଭାପତି ବୁଟୁ ପଟ୍ଟନାୟକ, ସମ୍ପାଦକ ଜଲୁ ନନ୍ଦ, କୋଷାଧ୍ୟକ୍ଷ ଝୁଲା ମହାନ୍ତି ଓ କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

# ଢେଙ୍କାନାଳକୁ ଦୁଇ କାଂସ୍ୟ ପଦକ

ଢେଙ୍କାନାଳ,୮।୫(ରତନ ନାୟାର)

ଝାରସୁଗୁଡା କଲ୍ଟ କଲୋନି ପରିସରରେ ଥିବା ଉତ୍କଳଜ୍ୟୋତି ହଲଠାରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସ୍ତରୀୟ ବରିଷ୍ଠ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ଢେଙ୍କାନାଳର ଦୁଇଜଣ ଖେଳାଳି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଦୁଇ ଖେଳାଳି ହେଲେ ଗୁରୁଦେବଜୀ ଗୁରୁକୁଳ ଅନୁଷ୍ଠାନର ପ୍ରତାପ କୁମାର ନାୟକ ଓ ଇନ୍ଦ୍ରଜିତ ସାହୁ। ପ୍ରତାପ ୪୫ରୁ ୫୦କେଜି ବର୍ଗ ଓ ଇନ୍ଦ୍ରଜିତ ୮୫ରୁ ୯୦କେଜି ବର୍ଗ ଟେଣ୍ଡିଂ ଫାଇଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ଏହି ଅବସରରେ ଗୁରୁଦେବଜୀ ଗୁରୁକୁଳର ଜିଲା ସମ୍ପାଦକ ଇଂ ସୌମ୍ୟବ୍ରତ ସାହୁଙ୍କୁ ସିଲାଟ ଓଡିଶା ପକ୍ଷରୁ ରାଜ୍ୟ ସମ୍ପାଦକ ପ୍ରେମ ସିଂ ଥାପା ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୫ଟି ଜିଲାର ୧୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଢେଙ୍କାନାଳ ଜିଲା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନ ପକ୍ଷରୁ ୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



କୋଚ୍‌ଙ୍କ ସହ ଦୁଇ କାଂସ୍ୟ ପଦକ ବିଜେତା।

# ସେବା ନିଜଠୁ, ନିଜ ପରିବାରଠାରୁ ଆରମ୍ଭ ହୁଏ



ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଉଛି।

## ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଜୁନିୟର ରେଡକ୍ରସ ସଭାପତି ତଥା ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୋଜାଲିନ ରଥ ବେଦପାଠ କରିବା ସହିତ ଅତିଥିମାନେ ରେଡକ୍ରସ ପ୍ରତିଷ୍ଠାତା ଜନ ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ, ସେବା ହିଁ ନିଜଠୁ ଏବଂ ନିଜ ପରିବାରଠାରୁ ଆରମ୍ଭ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗଦେଇ ସ୍ୱକର୍ମ ସମ୍ପାଦନ ହିଁ ମାନସିକ ଶାନ୍ତିର ପରିଚାୟକ ବୋଲି ମତବ୍ୟକ୍ତ କରିଥିଲେ। ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡା, ଜିଲା ସାଧନ କର୍ମୀ ପ୍ରଶାନ୍ତ କୁମାର ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡକ୍ରସ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିବି ହାଇସ୍କୁଲ, ଶ୍ରୀବଳରାମ ହାଇସ୍କୁଲ, ଲକ୍ଷ୍ମୀଧର ମ୍ୟୁନିସିପାଲିଟି ହାଇସ୍କୁଲ, ସୌଦାମିନୀ ସ୍ମୃତି ବିଦ୍ୟାପୀଠ, ବଂଶୀଧର ନୋଡାଲ ହାଇସ୍କୁଲ, ଭାଲିଆବୋଲ କାଟେଣୀ ମଧୁସୂଦନ ଆବାସୀୟ ଉଚ୍ଚ ବିଦ୍ୟାଳୟ, ସିମିଳିଆର ଜୁନିୟର ଓ କାଉନସିଲରମାନେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିବି ହାଇସ୍କୁଲ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ ପ୍ରଥମ, ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲ ଛାତ୍ର ଜୀବନ ମଲ୍ଲିକ ଦ୍ୱିତୀୟ ଓ ବିବି ହାଇସ୍କୁଲ ଛାତ୍ର ଆୟୁଷ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜେଆରସି କାଉନସିଲର ସୁବ୍ରତ କୁମାର ମିଶ୍ର ମଞ୍ଚ ସଂଚାଳନ କରିଥିଲେ। ଭାରପ୍ରାପ୍ତ ଜିଲା ଜେଆରସି ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଜୋନ୍‌ସ୍ତରୀୟ ନିର୍ବାଚନୀ ବୈଠକ



କଂଗ୍ରେସ ପକ୍ଷରୁ ଜୋନ୍‌ସ୍ତରୀୟ ନିର୍ବାଚନୀ ବୈଠକ।

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କଙ୍କଡାହାଡ ବ୍ଲକ ଜୋନ୍-୧ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଜୋନ୍‌ସ୍ତରୀୟ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ କଂଗ୍ରେସର ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ସସ୍ମିତା ବେହେରା କଂଗ୍ରେସର ଗ୍ୟାରେଣ୍ଟି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ କଂଗ୍ରେସର ପରଜଙ୍ଗ ବିଧାନସଭା ପ୍ରାର୍ଥୀ ରଣଜିତ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ସମେତ ପିସିସି ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ଦଳୀୟ ପର୍ଯ୍ୟବେକ୍ଷକ ନିର୍ମଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳର ସବୁ ଆସନରେ ଭାଜପା ଜିତିବ- ରୁଦ୍ର

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଭାଜପା ପକ୍ଷରୁ ଦଳର ଜିଲା କାର୍ଯ୍ୟାଳୟଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି କହିଲେ, ରାଜ୍ୟରେ ଭାଜପାକୁ ଜନସାଧାରଣ ଗ୍ରହଣ କରିବା ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶାରେ ନିଶ୍ଚିତ ଭାବରେ ଭାଜପା ସରକାର ହେବ। ଚଳିତ ନିର୍ବାଚନରେ ଢେଙ୍କାନାଳ ଲୋକସଭା ସମେତ ଏହା ଅଧୀନ ସମସ୍ତ ବିଧାନସଭା ଆସନରେ ଭାଜପା ବିଜୟୀ ହେବ। ୫୫ନଂ. ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟ ପ୍ରଥମେ ସେ ରାଜ୍ୟ ସଭାରେ ଉଠାଇଥିଲେ। ଚଳିତବର୍ଷ ସୁଦ୍ଧା ଏହାର ଉନ୍ନତୀକରଣ କାର୍ଯ୍ୟ ଶେଷ ହେବ। ନିର୍ବାଚନ ପ୍ରଚାରରେ ଦଳର ଷ୍ଟାର କ୍ୟାମ୍ପେନର ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁଗୋଳ ଆସିବାର ସମ୍ଭାବନା ରହିଛି। ସେହିପରି ଅନ୍ୟତମ ଷ୍ଟାର କ୍ୟାମ୍ପେନର ହେମାମାଳିନୀ ଢେଙ୍କାନାଳ ଆସିବା ପାଇଁ ଉଦ୍ୟମ ଚାଲିଛି ବୋଲି ଭାଜପା ଏମ୍‌ପି ପ୍ରାର୍ଥୀ ପାଣି ପ୍ରକାଶ କରିଥିଲେ।

ସେହିପରି ଭାଜପାର ଢେଙ୍କାନାଳ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହି ସାରିଲେଣି ଜୁନ୍ ୧୦ରେ ଭାଜପା ସରକାର ଗଠନ ହେବ। ଗାଁ ଗହଳିରେ ଗୋଟିଏ କଥା ଉଠୁଛି, ପରବର୍ତ୍ତନ। ପାଣି, ଆଳୁ, ମାଛ ମିଶନ ଫେଲ ମାରିଛି। ମେଡିକାଲ କଲେଜ ଓ ସିଟି ହସ୍ପିଟାଲ ହୋଇପାରିଲା ନାହିଁ। ଗଜମରାରେ ଏନ୍‌ଟିପିସି କାରଖାନା ହୋଇପାରିଲା ନାହିଁ। ଛୋଟ ଛୋଟ କାରଖାନା ବନ୍ଦ ହୋଇଗଲା ବୋଲି ଭାଜପା ବିଧାୟକ ପ୍ରାର୍ଥୀ ପାତ୍ର କହିଥିଲେ। ଭାଜପା ପକ୍ଷରୁ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ହର୍ଷବର୍ଦ୍ଧନ ସିଂହଦେଓ, ନବକିଶୋର ଗୁରୁ, ଅକ୍ଷୟ ମହାନ୍ତି, ସୁରେଶ ପାଣିଗ୍ରାହୀ, କୋଦଣ୍ଡଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

## ୨୯ ଗ୍ରାମର ୪୧ ହଜାରରୁ ଅଧିକ ଲୋକ ଉପକୃତ

ଢେଙ୍କାନାଳ,୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ୍ ମାଧ୍ୟମରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟର ଆଖପାଖ ଗ୍ରାମଗୁଡିକରେ ପ୍ରାଥମିକ ସ୍ୱାସ୍ଥ୍ୟ ଯୋଗାଇ ଦିଆଯାଉଛି। ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ୍ ଦ୍ୱାରା ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ୨୯ଟି ଗ୍ରାମର ୪୧ହଜାରରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ମଙ୍ଗଳପୁର, ଶିବପୁର, ଖଡଗପ୍ରସାଦ, ନୂଆଗାଁ, କୁସୁପଙ୍ଗା, ନୂଆହତା ଓ ପାଇକ ପୁରୁଣାକୋଟ ଆଦି ୭ଟି ପଞ୍ଚାୟତର ୨୯ଟି ଗ୍ରାମକୁ ଏହି ୟୁନିଟ୍ ଗୁଡିକ ସେବା ଯୋଗାଇଦେଇ ଆସୁଥିବା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।




ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା।

ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି, ଏମ୍‌ପିଏଚ୍‌ୟୁ (ମୋବାଇଲ ପବ୍ଲିକ ହେଲଥ ୟୁନିଟ୍)ରେ ଏମ୍‌ବିବିଏସ୍ ସ୍ୱୀକୃତିପ୍ରାପ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଟେକ୍ନିସିଆନ୍ ଓ ସଂଯୋଜକ ରହିଛନ୍ତି। ସେମାନେ ପ୍ରତି ଗ୍ରାମକୁ ପ୍ରତି ମାସରେ ୪ଥର ପରିଦର୍ଶନ କରିବା ସହିତ ଏକ ଶୃଙ୍ଖଳିତ କାର୍ଯ୍ୟସୂଚୀ ଅନୁସରଣ କରୁଛନ୍ତି। ସ୍ୱାସ୍ଥ୍ୟ ଶିବିର ଆୟୋଜନ ମାଧ୍ୟମରେ ସ୍ୱାସ୍ଥ୍ୟ ଯାଞ୍ଚ, ପରାମର୍ଶ, ନିଃଶୁଳ୍କ ମୌଳିକ ଚିକିତ୍ସା ଏବଂ ଔଷଧ ପ୍ରଦାନ ଭଳି କାର୍ଯ୍ୟ କରାଯାଉଛି। କୁସୁପଙ୍ଗା ପଞ୍ଚାୟତ ଅସନବଣି ଗ୍ରାମର ଟୁଟୁ ସାହୁ କହିଛନ୍ତି, ଟାଟା ଷ୍ଟିଲ ଫାଉଣ୍ଡେଶନ ଦ୍ୱାରା ଯୋଗାଇ ଦିଆଯାଉଥିବା ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ଯୋଗୁ ଉପକୃତ ହୋଇପାରୁଛୁ। ଯେହେତୁ ଗାଁ ନିକଟରେ କୌଣସି ସ୍ୱାସ୍ଥସେବା ସୁବିଧା ନାହିଁ, ତେଣୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରିକ ପଦକ୍ଷେପ ପାଇଁ ଗ୍ରାମବାସୀ ଉପକୃତ ହୋଇପାରିଛନ୍ତି। ପାଇକ ପୁରୁଣାକୋଟ ପଞ୍ଚାୟତ ନରହରିପୁର ଗ୍ରାମର ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି, ଡାକ୍ତରୀ ଦଳର ସାପ୍ତାହିକ ଗସ୍ତ ବୟସ୍କ, ଅସୁସ୍ଥ ଓ ଅସହାୟ ଗ୍ରାମବାସୀଙ୍କ ପାଇଁ ଏକ ବଡ ସୁବିଧା ହୋଇଛି। ଏହି ଏମ୍‌ପିଏଚ୍‌ୟୁ ୟୁନିଟ ଦ୍ୱାରା ଗତ ଆର୍ଥିକ ବର୍ଷରେ ୪୧ ହଜାରରୁ ଅଧିକ ଗ୍ରାମବାସୀ ନିୟମିତ ସ୍ୱାସ୍ଥ୍ୟସେବା ପାଇପାରିଛନ୍ତି। ଏହି ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ୨୦୧୯ରେ ୨ଟି ମୋବାଇଲ ପବ୍ଲିକ ହେଲଥ ୟୁନିଟ ସେବା ଆରମ୍ଭ କରାଯାଇଥିଲା। ଏହି ପ୍ରୟାସ ଯୋଗୁ ସ୍ୱାସ୍ଥ୍ୟ ସଚେତନତା, ଉତ୍ତମ ସ୍ୱାସ୍ଥ୍ୟ ଅଭ୍ୟାସ ଅବଲମ୍ବନ ତଥା ଏକ ସ୍ୱାସ୍ଥ୍ୟବାନ ସମାଜ ଗଠନ କରିବାରେ ସହାୟକ ହୋଇପାରିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

